ଗ୍ରାମୀଣ କୃଷି ମୌସମ ସେବା

ଭାରତୀୟ ପାଣିପାଗ ବିଭାଗ

ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

ମହିଷାପାଟ, ଢେଙ୍କାନାଳ – ୭୫୯୦୦୩

ସପ୍ତାହ ସଂଖ୍ୟା .୫୧

ଡ. ମହମ୍ମଦ ଅବଦୁଲ ଅଲିମ
ଟେକେନିକାଲ ଅଫିସର (ଭା.ପ୍ରା.)

ବୁଲେଟେନ ନମ୍ବର :୩୬୬
ତାରିଖ : ୧୮।୧୨।୨୦୨୦
(ଶୁକ୍ରବାର)

**ଢେଙ୍କାନାଳ ଜିଲ୍ଲା**

## ଗତ ସପ୍ତାହ ର ପାଣପାଗ ସମ୍ବନ୍ଧୀୟ ସୂଚନା (୧୨.୧୨.୨୦୨୦ ରୁ ୧୮.୧୨.୨୦୨୦)

| | |
|---|---|
| ବୃଷ୍ଟିପାତ (ମି.ମି.) | **0** |
| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେଲେସିୟସ) | **29.4-31.7** |
| ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେଲେସିୟସ) | **15.8-17.9** |

## ଆଞ୍ଚଳିକ ପାଣିପାଗ କେନ୍ଦ୍ର, ଭୁବନେଶ୍ୱର ଅନୁଯାୟୀ ଅଗ୍ରୀମ ସୂଚନା

| ତାରିଖ | ବୃଷ୍ଟିପାତ (ମି.ମି.) | ତାପମାତ୍ରା (ଡି.ସେ.) | | ସର୍ବମୋଟ ମେଘାଚ୍ଛାନ୍ନତା (ଅକ୍ଟା) | ଆପେକ୍ଷିକ ଆର୍ଦ୍ରତା (%) | | ପବନ ର ବେଗ (କି.ମି./ଘ.) | ପବନ ର ଦିଗ |
|---|---|---|---|---|---|---|---|---|
| | | ସର୍ବାଧିକ | ସର୍ବନିମ୍ନ | | ସର୍ବାଧିକ | ସର୍ବନିମ୍ନ | | |
| 19/12/2020 | 0 | 29 | 16 | 1 | 79 | 37 | 6 | 108 |
| 20/12/2020 | 0 | 29 | 13 | 0 | 63 | 34 | 5 | 79 |
| 21/12/2020 | 0 | 28 | 13 | 0 | 46 | 25 | 5 | 109 |
| 22/12/2020 | 0 | 28 | 12 | 0 | 48 | 21 | 4 | 135 |
| 23/12/2020 | 0 | 28 | 11 | 0 | 56 | 23 | 4 | 120 |

- ଆସନ୍ତା ପାଞ୍ଚ ଦିନରେ ବର୍ଷା ହେବାର ସମ୍ଭାବନା ନାହିଁ।
- ଆସନ୍ତା ରବିବାର ଠାରୁ ବୁଧବାର ଦିନ ପର୍ଯ୍ୟନ୍ତ ଆକାଶ ମେଘମୁକ୍ତ ରହିବ ଏବଂ ଶନିବାର ଦିନ ଆକାଶ ମୁଖ୍ୟତଃ ମେଘୁଆ ରହିବ ।
- ୪-୬ କି.ମି.ପ୍ର.ଘ ବେଗରେ ପବନ ବୋହିପାରେ ।
- ସର୍ବାଧିକ ତାପମାତ୍ରା ଶନିବାର ଓ ରବିବାର ଦିନ ୨୯ ଡି.ସେ ରହିବ ଓ ପୁଣି ହ୍ରାସ ପାଇ ସୋମବାର ଠାରୁ ବୁଧବାର ପର୍ଯ୍ୟନ୍ତ ୨୮ ଡି.ସେ ରହିବ ଏବଂ ସର୍ବନିମ୍ନ ତାପମାତ୍ରା ଶନିବାର ଦିନ ୧୬ ଡି.ସେ ଓ ରବିବାର ଓ ସୋମବାର ଦିନ କୁ ହ୍ରାସ ପାଇ ୧୩ ଡି.ସେ ଓ ମଙ୍ଗଳବାର ଦିନ ୧୨ ଡି.ସେ ଓ ବୁଧବାର ଦିନ ୧୧ ଡି.ସେ ରହିବ ।
- ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା ୭୯ ପ୍ରତିଶତ ରୁ ୪୬ ପ୍ରତିଶତ କୁ ସୋମବାର ଦିନ ପର୍ଯ୍ୟନ୍ତ ହ୍ରାସ ପାଉଛି ଏବଂ ପୁଣି ଏହା ମଙ୍ଗଳବାର ଓ ବୁଧବାର ଦିନ କୁ ବୃଦ୍ଧି ପାଇ ୫୬ ପ୍ରତିଶତ ରହୁଛି।
- ପରିବା ଫସଲରେ ଆବଶ୍ୟକ ଅନୁଯାୟୀ ଜଳସେଚନ କରନ୍ତୁ ।
- ଅଧିକ ସୁଫଳ ପାଇବା ପାଇଁ କୀଟନାଶକ ସହିତ ଅଠା ମିଶାଇ ସିଂଚନ କରନ୍ତୁ ।

**ଧାନ :**

- କଣ୍ଡୋରେ ମହିଷା ରୋଗ ଶତକଡ଼ା ୧ ରୁ ୨ ଭାଗ ବା ଅଧିକ ଦେଖାଗଲେ ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୦.୬ ଗ୍ରାମ୍ ଟ୍ରାଇସାଇକ୍ଲାଜୋଲ୍ ୭୫% **WP** ଅଥବା ୦.୪ ଗ୍ରାମ୍ ଟେବୁକୋନାଜୋଲ୍ ୫୦% **+** ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ୍ ୨୫% **WG** ମିଶାଇ ସିଞ୍ଚନ କରନ୍ତୁ ।
- ଧାନ ଗଛ ବୁଦା ମୂଳରେ ଯଦି ମେଟିଆଗୁଣ୍ଡି ବା ଧଳା ପିଠିଆ ଗୁଣ୍ଡି ପୋକ ଦେଖିବାକୁ ପାଇଲେ କ୍ଷେତେଗୁଡିଏ ଜିନିଷ ପ୍ରତି ଧ୍ୟାନ ଦିଅନ୍ତୁ, ଧାନ ଫସଲରେ ଠିଆ ପଣି ନ ରଖି ଅଦଳବଦଳ କରି ଜଳ ନିଷ୍କାସିନ ବ୍ୟବସ୍ଥା କରନ୍ତି, ଅଧିକ ଯବକ୍ଷାରଜନି ସାର ପ୍ରୟୋଗ କରନ୍ତୁ ନାହିଁ।
- ବର୍ତ୍ତମାନ ସମୟରେ ଧାନ ଫସଲରେ ଲାଗୁଥିବା ଦହିଆ ପୋକ ନିୟନ୍ତ୍ରଣ ପାଇଁ **Acitamiprid** କିମ୍ବା **Thiomethoxam** କୁ ୫ ଗ୍ରାମ ହିସାବରେ ପ୍ରତି ୧୫ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।

**ଚିନାବାଦାମ :**

- ବର୍ତ୍ତମାନ ପାଗରେ ଚିନାବାଦାମ ରେ ପତ୍ର ଦାଗ ରୋଗର ସମ୍ଭାବନା ରହିଛି । ପ୍ରତିକାର ସ୍ୱରୂପ **Carbendazyme + Mancozeb** ପ୍ରତି ଲିଟର ପାଣି ରେ **2** ଗ୍ରାମ ହିସାବରେ ମିଶାଇ ସିଂଚନ କରନ୍ତୁ।

**ରାଶି :**

- ରାଶି ଗଛରେ ଦେଖାଯାଉଥିବା ପତ୍ରଛନ୍ଦା ପୋକ ନିୟନ୍ତ୍ରଣ ପାଇଁ ପ୍ରୋଫେନେଫସ କିମ୍ବା ଫିପ୍ରୋନୀଲ ୨ ମି.ଲି ହିସାବରେ ପ୍ରତି ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।

**ପନିପରିବା:**

- ଶୀତଦିନିଆ ପନିପରିବା ଫସଲରେ ଜଉପୋକ ସଂକ୍ରମଣ ବୃଦ୍ଧି ପାଇବ । ଏହି ପୋକର ନିରାକରଣ ପାଇଁ ଏକର ପ୍ରତି ୮୦ ଗ୍ରାମ ଥାୟୋମଥୋକ୍ସାମ କିମ୍ବା ୮୦ ମି.ଲି ଇମିଡାକ୍ଲୋପ୍ରିଡ କୀଟନାଶକ ବିଷ କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।
- ବନ୍ଧାକୋବି ଫସଲରେ ବୀଜାଣୁ ଜନିତ ସଢାରୋଗ ଦେଖାଦେଲେ ପ୍ରତି ୧୦ ଲିଟର ପାଣିରେ ୨୫ ଗ୍ରାମ ହିସାବରେ କପର ଅକସିକ୍ଲୋରେଡେ ସହିତ ୧.୫ଗ୍ରାମ ଷ୍ଟ୍ରେପ୍ଟୋସାଇକ୍ଲିନ ମିଶାଇ ସିଂଚନ କରନ୍ତୁ। ଯବକ୍ଷାରଜନ ଜାତୀୟ ସାର ପ୍ରୟୋଗ କମ କରି ଅଧିକ ପଟାସ ସାର ପକାନ୍ତୁ ।

**ପଶୁ ପାଳନ**

- ୩ ମାସରୁ ଉର୍ଦ୍ଧ୍ୱ ମେଣ୍ଢା। ଓ ୨ ମାସ ରୁ ଉର୍ଦ୍ଧ୍ୱ ଛେଳି କୁ ଫାଟୁଆ ଓ ବଜବଜିଆ ରୋଗରୁ ରକ୍ଷା କରିବା ପାଇଁ ଟୀକା ଦିଆ କରାନ୍ତୁ ।
- ଗୁହାଳକୁ ଶୁଖିଲା ଓ ସଫା ରଖନ୍ତୁ ।

**ମାଛ ଚାଷ :**

- ମାଛ ପୋଖରୀରେ କାର୍ବନ ଡାଇଅକସାଇଡ ପ୍ରତି ଏକର ମିଟର ରେ ୪୦ କିଗ୍ରା ପ୍ରୟୋଗ କରନ୍ତୁ ।
- ତାପମାତ୍ରା ହ୍ରାସ ଯୋଗୁ ମାଛ ମାନଙ୍କୁ ୨୦ ପ୍ରତିଶତ ଖାଦ୍ୟ କମାଇ ଦିଅନ୍ତୁ ।
- ମାଛ ପୋଖରୀରେ ୫ ଫୁଟ ଗଭୀର ପର୍ଯ୍ୟନ୍ତ ପାଣି ରଖନ୍ତୁ ଏବଂ ଯଥା ସମ୍ଭବ ମାଛ ଗୁଡିକ ଧରି ନିଅନ୍ତୁ ।

ଉପରୋକ୍ତ ଉପଦେଶ ପ୍ରାପ୍ତ ସୂଚନା ଉପରେ ଆଧାରିତ ।

ସହଯୋଗୀ ଗବେଷଣା ନିର୍ଦ୍ଦେଶକ ଙ୍କ ଦ୍ୱାରା ସ୍ୱୀକୃତ

କୃଷି ଭିତ୍ତିକ କୌଣସି ସମସ୍ୟା ପାଇଁ ଦେୟମୁକ୍ତ ନମ୍ବର ୧୮୦୦ ୧୮୦ ୧୫୫୧ ସହିତ ସମ୍ପର୍କ କରନ୍ତୁ ।